
ପାଠ - ୩

# ଚାଲ, ଘର କରିବା

ବିପ୍ଳବ ଓ ପ୍ରହ୍ଲାଦ ଦୁଇ ସାଙ୍ଗ । ବିପ୍ଳବର ବଗିଚାରେ ଦୁହେଁ ବୁଲୁଥିଲେ । କିଛି ଲୋକ ଗୋଟିଏ ବଡ଼ ଗଛ ତଳେ ଠିଆ ହୋଇଥିବାର ସେମାନେ ଦେଖିଲେ । ସେମାନେ ସେ ଗଛରେ ଥିବା ପକ୍ଷୀମାନଙ୍କୁ ବହୁତ ଭଲ ପାଉଥିଲେ ।



ବିପ୍ଳବ କହିଲା, "ସେଠାରେ ଭିଡ଼ କାହିଁକି ହୋଇଛି ?" ପ୍ରହ୍ଲାଦ କହିଲା, "ଚାଲ, ସେଠାକୁ ଯାଇ ଦେଖିବା ।" ଦୁହେଁ ସେଠାକୁ ଗଲେ । ଲୁଚିକରି ସେମାନଙ୍କ କଥା ଶୁଣିଲେ । କଥା ଶୁଣି ଦୁହେଁ ଡରିଗଲେ ।

ଆରେ, ଏମାନେ ତ ଆମ ଗଛକୁ କାଟିଦେବେ । ବରଷା ଦିନ ଆସୁଛି । ପକ୍ଷୀମାନେ କରିବେ କ'ଣ ? ଘର ଭାଙ୍ଗିଯିବ । ବିଚରାମାନେ ରହିବେ କେଉଁଠି ? ଶୋଇବେ କେଉଁଠି ? ଛୁଆ ପାଳିବେ କେମିତି ?



ଏ ସବୁ ଶୁଣି ପ୍ରହ୍ଲାଦ କହିଲା, "ମୁଁ ବନବିଭାଗ ଅଫିସ୍‌କୁ ଯାଉଛି । ସେଠି ଖବର ଦେବି । ମୁଁ ଆସିବାଯାଏଁ ତୁ ଏମାନଙ୍କୁ ଅଟକାଇ ରଖିବୁ । ଗଛ କାଟିବାକୁ ଦେବୁନାହିଁ ।" ବିପ୍ଳବର ଅକଲ୍‌ଗୁଡ୍ଡୁମ୍ ହୋଇଗଲା । କରିବ କ'ଣ ? ହଠାତ୍ ତା'ର ମାଙ୍କଡ଼ର କଥା ମନେ ପଡ଼ିଲା । ମାଙ୍କଡ଼ ପାଖକୁଯାଇ ସବୁକଥା କହିଲା ।

ଦୁହେଁ ସେଠାକୁ ଗଲେ । ଲୋକମାନେ ଗଛ କାଟିବାକୁ ସଜ ହେଉଥିଲେ । ମାଙ୍କଡ଼ ବିପ୍ଳବକୁ ତଳେ ଛିଡ଼ାହେବାପାଇଁ କହିଲା । ସେ ଗଛ ଉହାଡ଼ରୁ ସେମାନଙ୍କ ଉପରକୁ ପଥର ଫୋପାଡ଼ିଲା ।



ଏପଟେ ପ୍ରହ୍ଲାଦ ବନବିଭାଗ ଅଫିସ୍‌ରେ ପହଞ୍ଚିଲା । ସବୁକଥା କହିଲା । ସଭିଏଁ ସଙ୍ଗେସଙ୍ଗେ ଆସିଲେ । ପଥରମାଡ଼ ଖାଇ କେତେଜଣ ଘାଇଲା ହୋଇଯାଇଥିଲେ । ବନବିଭାଗର ଲୋକମାନଙ୍କୁ ଦେଖି ସେମାନେ ଦୌଡ଼ି ପଳାଇଲେ । ଆଉ କେତେଜଣ ଧରାପଡ଼ିଲେ । ପ୍ରହ୍ଲାଦ, ବିପ୍ଳବ ଓ ମାଙ୍କଡ଼ର କାମ ଯୋଗୁଁ ଗଛର କିଛି କ୍ଷତି ହେଲାନାହିଁ ।

## ଅଭ୍ୟାସ

### ୧। ଗପରୁ କୁହ ।

(କ) ପ୍ରହ୍ଲାଦ ଗଛକୁ ବଞ୍ଚାଇବା ପାଇଁ କ'ଣ ଉପାୟ କଲା ?

(ଖ) ମାଙ୍କଡ଼ର ପଥରମାଡ଼ରେ ପକ୍ଷୀମାନଙ୍କର କ'ଣ ଲାଭ ହେଲା ?

(ଗ) ବିପ୍ଳବ କାହିଁକି ମାଙ୍କଡ଼ପାଖକୁ ଯାଇଥିଲା ?

### ୨। ପଢ଼ ଓ ଲେଖ ।

ମଲ୍ଲ – ______

ପଲ୍ଲୀ – ______

ଦିଲ୍ଲୀ – ______

ଶୁକ୍ଳ – ______

କ୍ଳାନ୍ତ – ______


ଅମ୍ଳ – ______

ଆହ୍ଲାଦ – ______

୩। ଚିତ୍ର ଦେଖ ଓ ଚିତ୍ର ତଳେ ନାମ ଲେଖ ।









୪। ଗାର ଦେଇ ଶବ୍ଦ ଗଢ଼ ଓ ବାକ୍ସ ଭିତରେ ଶବ୍ଦଗୁଡ଼ିକ ଲେଖ ।

ଯେମିତି- କ୍ଲେଶ, ପଲ୍ଲବୀ

| | | |
|---|---|---|
| ମ | ଶ | ସ |
| କ୍ଲେ | କ | ବୀ |
| ଉ | ଲ୍ଲା | ଦ |
| ପ | ଲ୍ଲ | |
| ଅ | ଲ୍ଲୀ | |
| ଶ୍ଲୋ | ହ୍ଲା | |
| ଗେ | ମ୍ଲ | |
| ପ୍ର | ହ୍ଲା | |

କ୍ଲେଶ,

ପଲ୍ଲବୀ,

୫। ଠିକ୍ ଉଚ୍ଚାରଣକରି ପଢ଼ ଓ ଲେଖ ।

ପ୍ରହ୍ଲାଦ ଆହ୍ଲାଦ ଦୁଇ ସଙ୍ଗାତ ____________________

ବଲ୍ଲରୀ ସହିତ ଗାଇଲେ ଗୀତ ____________________

ଉଲ୍ଲାସ ସେଠାରେ ମିଶିଲା ଆସି ____________________

ପଲ୍ଲୀବାସୀ ଦେଖି ହୋଇଲେ ଖୁସି ____________________

୬। ରହିବା ପାଇଁ ଘରଟିଏ ନ ଥିଲେ କ'ଣ ସବୁ ଅସୁବିଧା ହେବ ? ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

____________________________________________

____________________________________________

____________________________________________

୭। ପ୍ରହ୍ଲାଦ ବନବିଭାଗକୁ ଯାଇ ଗଛକୁ ରକ୍ଷାକଲା । ତୁମେ ସେଇଠି ଥିଲେ ଗଛକୁ କିପରି ରକ୍ଷା କରିଥା'ନ୍ତ ଲେଖ ।

____________________________________________

____________________________________________

____________________________________________

୮। ଜୋର୍‌ରେ ବରଷା ହେଲେ ନିଜେ ନିଜକୁ ରକ୍ଷା କରିବା ପାଇଁ କିଏ କେଉଁଠିକି ଯିବେ ଲେଖ ।

ମଣିଷ ______________________

କୁକୁର ______________________

ମୟୂର ______________________

ଘରଚଟିଆ ______________________

ସାପ ______________________

ବେଙ୍ଗ ______________________

୯। ବାୟାଚଢ଼େଇ ନିଜ ଘର ଘାସ ଓ କୁଟାରେ ତିଆରି କରେ । ତୁମ ଘର କେଉଁଥିରେ ତିଆରି ହୋଇଛି ଲେଖ ।

______________________________________________

______________________________________________

୧୦। ତୁମେ କେଉଁସବୁ ଜାଗାରେ ପକ୍ଷୀବସା ଦେଖିଛ ?

______________________________________________

______________________________________________

## ୧୧। 'ଘର' କହିଲେ ଯେଉଁ ସବୁ କଥା ତୁମ ମନକୁ ଆସୁଛି ଲେଖ ।



ଯେପରି – ଘର ଆମକୁ ଖରା ବରଷାରୁ ରକ୍ଷା କରେ ।

**ପାଠ - ୩**

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

**ପିରିୟଡ଼ ସଂଖ୍ୟା - ୩୩**

**କ'ଣ ଶିଖିବେ -**

**ଭାଷା :** ☐ ଳ–ଫଳା ଓ ଲ–ଫଳା ଚିହ୍ନଟ କରିବେ ।

☐ ଜଣାଶୁଣା ଶବ୍ଦକୁ ଶ୍ରୁତଲିଖନରେ ଲେଖିବେ ।

☐ ଠିକ୍ ବନାନସହ ଶବ୍ଦ ଓ ବାକ୍ୟ ଲିଖନ ଦକ୍ଷତା ବୃଦ୍ଧି ହେବ ।

**ପରିବେଶ :** **ବାସଗୃହ ଯେ ଏକ ମୌଳିକ ଆବଶ୍ୟକତା ତାହା ବୁଝିବେ ।**

ପ୍ରଥମେ ଶିକ୍ଷକ ଗପଟିକୁ କହିବେ । ଗପ କହିବାସମୟରେ ଯଥା ସ୍ଥାନରେ ଚିତ୍ର ଦେଖାଇବେ । ଅଙ୍ଗଭଙ୍ଗୀ କରିବେ । ସ୍ୱରର ଉତ୍‌ଥାନପତନ କରିବେ ।

☐ ଳ–ଫଳା, ଲ–ଫଳା ଥିବା ବାକ୍ୟକୁ କଳାପଟାରେ ଲେଖିବେ । ତା'ପରେ ଧାଡ଼ି ତଳେ ଆଙ୍ଗୁଠିଦେଇ ବାରମ୍ବାର ପଢ଼ିବେ । ବାକ୍ୟ ପରେ ଶବ୍ଦ, ଶବ୍ଦରୁ ଅକ୍ଷର ପିଲାଙ୍କୁ ଚିହ୍ନାଇବେ ।

☐ ପ୍ରତ୍ୟେକ ଚିତ୍ରସମ୍ପର୍କରେ ଆଲୋଚନା କରିବାକୁ ଦେବେ ଓ ତା' ସମ୍ପର୍କରେ ପ୍ରଶ୍ନ ପଚାରିବେ । ପ୍ରଶ୍ନ ପଚରାପଚରି ହେବା ପାଇଁ କହିବେ ।

☐ ଗଛ କାଟିବା ନାହିଁ-ଏ ବିଷୟରେ ଆଲୋଚନା କରିବେ । (ପରିବେଶ ସଂରକ୍ଷଣ)

☐ ଗଛ କିପରି ପଶୁପକ୍ଷୀଙ୍କ ବାସଗୃହ, ସେ ସମ୍ପର୍କରେ ଆଲୋଚନା କରିବେ ।

☐ ଶିକ୍ଷକ ନିଜେ ମଧ୍ୟ ବାକ୍ୟ ଗଠନକରି ଳ–ଫଳା, ଲ–ଫଳା ଚିହ୍ନାଇ ପାରିବେ ।

**ଚିତ୍ର -୧ : କେବଳ ଚିତ୍ର ଦେଖି ପିଲା ପଢ଼ିବେ ।**

**ଅଭ୍ୟାସ କାର୍ଯ୍ୟ :**

☐ ଗପରୁ ଅନେକ ପ୍ରଶ୍ନ କରାଯାଇପାରେ ।

☐ ଳ–ଫଳା, ଲ–ଫଳା ଥାଇ ଅଧିକ ଶବ୍ଦ ସଂଗ୍ରହ କରିପାରିବେ ।

☐ ବିଭିନ୍ନ ଚିତ୍ର ସଂଗ୍ରହ କରିବେ ।

☐ ବିଭିନ୍ନ ପୁସ୍ତକରୁ କବିତା ସଂଗ୍ରହକରି ବନାନ ଶୁଦ୍ଧିପାଇଁ କହିବେ ।

☐ ପରିବେଶ ସଂପର୍କରେ ଅଧିକ ପ୍ରଶ୍ନ କରିପାରିବେ ।

☐ ନିଜ ଅନୁଭୂତିରୁ ପିଲାଙ୍କୁ ଲେଖିବାକୁ, କହିବାକୁ ଦିଆଯିବ ।

☐ ନିଜ ଘର ସମ୍ପର୍କିତ ବାକ୍ୟ ଯଥା — ଘରେ ଆମେ ପାଠ ପଢୁ, – ଆମେ ଏକାଠି ରହୁ । ଏ ସମ୍ପର୍କରେ ପିଲା କହୁଥିବା ସମସ୍ତ ବାକ୍ୟ ଗ୍ରହଣଯୋଗ୍ୟ ହେବ ।

☐ ସମସ୍ତ ଅଭ୍ୟାସ କାର୍ଯ୍ୟର ଉତ୍ତର ଶ୍ରେଣୀରେ ଆଲୋଚନା କରାଯିବ ।